## କାର୍ ଧକ୍କାରେ ବୃଦ୍ଧ ମୃତ

ସୋରଡ଼ା,(ଲମ୍ବୋଦର ପାଣିଗ୍ରାହୀ): ସୋରଡା ଆସିକା ଜାତୀୟ ରାଜପଥ ୫୯ ନୂଆଗଁଡ ନିକଟରେ ରାତିରେ ଆସିକା ପଟୁ ସୋରଡା ଅଭିମୁଖେ ଆସୁଥିବା ଗୋଟିଏ କାର ଧକ୍କାରେ ୭୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗ୍ରାମର ରାଜେନ୍ଦ୍ର ଗଉଡ ଘରୁ ବାହାରି ବଜାର ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ରାଜେନ୍ଦ୍ରଙ୍କୁ ସଙ୍ଗେ ସଙ୍ଗେ ସୋରଡ଼ା ଡାକ୍ତରଖାନା ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ଡ୍ରାଇଭର କାର ଛାଡି ଫେରାର ହୋଇଯାଇଛନ୍ତି।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ବ୍ୟାଡମିଣ୍ଟନ ଟୁର୍ଣାମେଣ୍ଟ ଉଦ୍‌ଘାଟନ। ସ୍ଥାନ-ଇଞ୍ଜିନିୟରିଂ ସ୍କୁଲ ଗ୍ରାଉଣ୍ଡ। ସମୟ-ସକାଳ ୯ଟା।

# ଯାଞ୍ଚ ହେବ ମାଷ୍ଟରମାଇଣ୍ଡ ଶିକ୍ଷକଙ୍କ ଶିକ୍ଷା ପ୍ରମାଣପତ୍ର

- ଗଞ୍ଜାମରେ ଜାଲ୍ ସାର୍ଟିଫିକେଟ୍ କାରବାର
- ର୍‍ୟାକେଟର ଚେର ଖୋଜି ପାଉନି ପୋଲିସ

ବ୍ରହ୍ମପୁର,୬।୭(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାରେ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରିଥିବା ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ପୂର୍ବରୁ ଧରାପଡ଼ିଛନ୍ତି। ଗତ ପ୍ରାୟ ଦେଢ଼ ମାସ ତଳେ ବ୍ରହ୍ମପୁର ପୋଲିସ ଗଞ୍ଜାମ ଜିଲାରେ ଅପରେଟ୍ କରୁଥିବା ଏକ ନକଲି ଜାଲ୍ ସାର୍ଟିଫିକେଟ୍ ର୍‍ୟାକେଟକୁ ଠାବ କରିଥିଲା। ଏହାର ମାଷ୍ଟରମାଇଣ୍ଡ ଥିବା ଶିକ୍ଷକ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରର ଦୈତାରୀ ବେହେରା ଓ ତାଙ୍କ ପୁଅ ଅମୃତପ୍ରସାଦଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା। ଗୋଷାଣି ନୂଆଗାଁ ଥାନା ପୋଲିସ ଏହି ମାମଲାର ତଦନ୍ତ କରୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚେର ଖୋଜି ପାଉନି। କାହାର ଛତ୍ରଛାୟା ତଳେ ରହି ଦୈତାରୀ ଏହି ର୍‍ୟାକେଟ ଚଳାଉଥିଲେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି। ଦୈତାରୀ ଚାକିରିରୁ ନିଲମ୍ବିତ ହୋଇଥିବା ବେଳେ ତାଙ୍କର ସମସ୍ତ ଶିକ୍ଷା ପ୍ରମାଣପତ୍ର ଯାଞ୍ଚ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି କହିଛନ୍ତି। ଯାଞ୍ଚପରେ ତାଙ୍କ ଶିକ୍ଷା ପ୍ରମାଣପତ୍ର ଅସଲି କି ନକଲି ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ଜିଲାରେ ବର୍ତ୍ତମାନ ସୁଦ୍ଧା ୪୪୧ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମରେ ଜାଲ୍ ଶିକ୍ଷା ପ୍ରମାଣପତ୍ର ଦେଇଥିବା ଅଭିଯୋଗ ହୋଇଛି। ଜିଲା ଶିକ୍ଷା ବିଭାଗ ଏହାର ତଦନ୍ତ କରୁଛି। ଯାଞ୍ଚ ପରେ ଜାଲ୍ ଚିହ୍ନଟ ହୋଇଥିବା ୯୬ ଶିକ୍ଷକଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିବା ବେଳେ ୪୭ଜଣ ଚାକିରିରୁ ବିଦା ହୋଇ ସାରିଲେଣି। ଅନ୍ୟପଟେ ବାହାର ରାଜ୍ୟର ଜାଲ୍ ଶିକ୍ଷା ପ୍ରମାଣପତ୍ର ଦେଇ ଜିଲାରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଚାକିରି କରୁଛନ୍ତି। ସେଭଳି ପ୍ରାୟ ୨ଶହ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ସାର୍ଟିଫିକେଟ୍ ଯାଞ୍ଚ ପାଇଁ ମଧ୍ୟ ଶିକ୍ଷା ବିଭାଗ ନିକଟରେ ଦାବି କରାଯାଇଛି। ଗତ ଏପ୍ରିଲ୍ ୨୪ରେ ଗୋଷାଣି ନୂଆଗାଁ ଥାନା ପୋଲିସ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରସ୍ଥିତ ଆଚାର୍ଯ୍ୟ ନାଗାର୍ଜୁନ ବିଶ୍ୱବିଦ୍ୟାଳୟର ଏକ ନକଲି ବିଇଡି ସାର୍ଟିଫିକେଟ୍ ପାଇଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଉପରେ ତଦନ୍ତ କରି ଜାଲ୍ ସାର୍ଟିଫିକେଟ୍ ରାକେଟ୍ ଠାବ କରିଥିଲା। ଖଲ୍ଲିକୋଟ ଥାନା ଲଙ୍ଗଳେଶ୍ୱର ଗ୍ରାମର ଦୈତାରୀ ଏହି କାରବାରର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଥିଲା। ସେ ତାଙ୍କ ପୁଅ ସହାୟତାରେ ଅନ୍ୟ ୨ଜଣ ଢେଙ୍କାନାଳର ପ୍ରଶାନ୍ତ ସାହୁ ଓ କଟକର କିଶୋର ବେହେରାଙ୍କୁ ନେଇ ନକଲି ସାର୍ଟିଫିକେଟ୍ ବେପାର କରୁଥିଲେ। ପ୍ରଶାନ୍ତଙ୍କ ଘର ଓ ଦୋକାନରୁ ପୋଲିସ ମାଟ୍ରିକ୍ ଠାରୁ ଆରମ୍ଭ କରି +୨ ସାର୍ଟିଫିକେଟ୍, ଧନ୍ଦାମୂଳକ ଶିକ୍ଷା, ଇଞ୍ଜିନିୟରିଂ, ହୋମିଓପାଥି ଡାକ୍ତର ସାର୍ଟିଫିକେଟ୍ ସହିତ ଆନ୍ଧ୍ରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜର ସାର୍ଟିଫିକେଟ୍, ଛତିଶଗଡ଼ର ମାଟ୍ରିକ୍ ସାର୍ଟିଫିକେଟ୍ ଜବତ କରିଥିଲା। ଏହି କାରବାରର ଚେର ବାହାର ରାଜ୍ୟକୁ ଲମ୍ବିଥିବା ପୋଲିସ ସୁରାକ୍ ପାଇଥିଲା। ବ୍ରହ୍ମପୁର ପୋଲିସ ତଦନ୍ତ ପାଇଁ ବାହାର ରାଜ୍ୟକୁ ମଧ୍ୟ ଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ତଦନ୍ତରେ ସେଭଳି କିଛି ଅଗ୍ରଗତି ଦେଖିବାକୁ ମିଳିନାହିଁ। ଏତେବଡ଼ ରାକେଟ୍ କେତେଦିନ ଧରି ଚାଲିଥିଲା ଓ କେତେ ପିଲାଙ୍କୁ ନକଲି ସାର୍ଟିଫିକେଟ୍ ବିକ୍ରି ହୋଇଛି, ତାହା ଉପରୁ ପୋଲିସ ପରଦା ଉଠାଇ ପାରିନାହିଁ। ଜିଲାରେ ଚିହ୍ନଟ ହୋଇଥିବା ନକଲି ଶିକ୍ଷକ ଦୈତାରୀଙ୍କ ଠାରୁ ସାର୍ଟିଫିକେଟ୍ ଆଣିଥିବା ସନ୍ଦେହ କରାଯାଉଛି। ତେଣୁ ଦୈତାରୀଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା କଲେ ପୋଲିସକୁ କିଛି ଠୋସ୍ ପ୍ରମାଣ ମିଳିପାରିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ସିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଘରୁ ସୁନା ଅଳଙ୍କାର ଚୋରି

ଖଲ୍ଲିକୋଟ,୬।୭(ପ୍ରଶାନ୍ତ ମିଶ୍ର): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାକୁଟଗାଁ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଏକ ଘରୁ ଚୋରି ହୋଇଥିବା ଭେଜିପୁଟ ପୋଲିସ ଫାଣ୍ଡିରେ ଅଭିଯୋଗ ହୋଇଛି। ତାଲା ବନ୍ଦ ଘରର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ କେତେକ ସାମଗ୍ରୀ ଚୋରି କରିନେଇଛନ୍ତି। ବାକୁଟଗାଁ ରୋଡ଼ ସାହିର ସାଗର ପ୍ରଧାନ ବିଦେଶରେ ରହୁଥିବା ବେଳେ ତାଙ୍କ ମା' ମମତା ଘରେ ଏକା ରହୁଥିଲେ। ବୁଧବାର ନାତି ଦେହ ଖରାପ ଥିବା ଶୁଣି ମମତା ଘରେ ତାଲା ପକାଇ ଖାରିବନ୍ଧ ଯାଇଥିଲେ ଏବଂ ରାତି ହୋଇଯିବାରୁ ସେଠାରୁ ଆଉ ଘରକୁ ଫେରି ନଥିଲେ। ଏହାର ସୁଯୋଗ ନେଇ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଘରର ଗ୍ରୀଲ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଏସି, ଏଲଇଡି ଟିଭି, ଷ୍ଟାଣ୍ଡ ଫ୍ୟାନ୍, ଇଣ୍ଡକସନ ଚୁଲା ଓ ୩୦ ଖଣ୍ଡ ଦାମି ଲୁଗା ଚୋରି କରି ନେଇଯାଇଛନ୍ତି। ଗୁରୁବାର ସକାଳେ ମମତା ଏ ଭେଜିପୁଟ ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, କନଷ୍ଟେବଲ ଆନନ୍ଦ ସେଠୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ଭିତ୍ତିପ୍ରସ୍ତର ସ୍ଥାପନ

ଆସିକା, ୬।୭ (ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍‌ଏସିର ଲଛମନପଲ୍ଲୀ ଗ୍ରାମରେ ଏକ ନାମଯଜ୍ଞ ମଣ୍ଡପ ନିମନ୍ତେ ଗୁରୁବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶିବ ନାହାକଙ୍କ ସମେତ ବହୁ ବ୍ୟକ୍ତି ସାମିଲ ଥିଲେ। ବିଧାୟିକାଙ୍କ ହାତ ପାଣ୍ଠିରୁ ୩ଲକ୍ଷ ଟଙ୍କା ଅନୁଦାନରେ ଏହି ମଣ୍ଡପ ନିର୍ମାଣ କରାଯିବ।

### ମଦ ଜବତ, ୨ ଗିରଫ

ବୁଗୁଡ଼ା,୬।୭(କାଳି ଚରଣ ଦାଶ): ବୁଗୁଡ଼ା ତହସିଲ, ଅବକାରୀ ଓ ପୋଲିସ ଗୁରୁବାର ଚଢ଼ାଉ କରି ୩୯୫୦ ଲିଟର ପୋଚ ନଷ୍ଟ କରିବା ସହ ୧୭୬ ଲିଟର ମଦ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ବୁଗୁଡା ଅବକାରୀ ଥାନାରେ ନଂ. ୨୯,୩୦/୨୩ରେ ଦୁଇଟି ମାମଲା ରୁଜୁ ହୋଇଛି। ସ୍ଥାନୀୟ ତହସିଲଦାର ତାପସ ରାଉତଙ୍କ ନେତୃତ୍ୱରେ ବୁଗୁଡ଼ା ଓ ଭଞ୍ଜନଗର ଅବକାରୀ ଷ୍ଟାଫ୍, ବେଲଗୁଣ୍ଠା ଓ ବୁଗୁଡ଼ା ପୋଲିସ କର୍ମଚାରୀ ମିଳିତ ଭାବେ ଗୋଲିଆ, ବାଲିପିଣ୍ଡି ହରିଜନ ସାହି, ମାଣିତରା ପଞ୍ଚାୟତର ଦିଗି ଆଦି ସ୍ଥାନରେ ଚଢ଼ାଉ କରିଥିଲେ। ସେହିପରି ଶତ୍ରୁସୋଲ ଗାମରେ ଚଢାଉ କରି ୧୭୬ ଲିଟର ଦେଶୀ ମଦ ଓ ରନ୍ଧା ସରଞ୍ଜାମ ଜବତ ସହ ଜଣେ ପୁରୁଷ ଓ ଜଣେ ମହିଳାଙ୍କୁ ମଧ କୋର୍ଟ ଚାଲାଣ କରିଥିଲେ।

### ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକଙ୍କ ନାଁରେ ଏତଲା

ଛତ୍ରପୁର,୬।୭(ସନ୍ତୋଷ ପାଢ଼ୀ ): ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ରେ ହରିଜନ ଶବ୍ଦ ପ୍ରୟୋଗ କରି ଜାତିଆଣ ଆକ୍ଷେପକୁ ଭାରତ ମୁକ୍ତି ମୋର୍ଚ୍ଚା ନାପସନ୍ଦ କରିବା ସହ ବିରୋଧ କରିଛି। ଗୁରୁବାର ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅଭିନେତ୍ରୀଙ୍କ ନାଁରେ ଭାରତ ମୁକ୍ତି ମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ସଭାପତି ସୁମା ଦାସଙ୍କ ନେତୃତ୍ୱରେ ଛତ୍ରପୁର ଥାନାରେ ଏତଲା ଦିଆଯାଇଛି। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ ପାଇଁ ଏତଲାରେ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ବାହୁଡା ଯାତ୍ରା ଅବସରରେ ମୁକ୍ତି ଲାଭ କରିଥିବା ଉକ୍ତ ଚଳଚ୍ଚିତ୍ରର ନାୟକଙ୍କୁ ନାୟିକା ତୁ ଜଣେ ହରିଜନ ପିଲା ଆଉ ମୁଁ ଜଣେ ସାମନ୍ତ ଘର ଝିଅ ବୋଲି ଏକ ଦୃଶ୍ୟରେ କହିଛନ୍ତି। ଏହାକୁ ନେଇ ବିବାଦ ଜୋର ଧରିଛି।

### ବନ ମହୋତ୍ସବ ପାଳିତ

ବାଲିଗୁଡ଼ା,୬।୭(ସଞ୍ଜୟ କୁମାର ପାଣିଗ୍ରାହୀ)- ବାଲିଗୁଡ଼ା ବନଖଣ୍ଡ ପକ୍ଷରୁ ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କ ଅଧକ୍ଷତାରେ ଏବଂ ବନାଞ୍ଚଳ ଅଧିକାରୀ ଉଦିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭଗାମୁଣ୍ଡାଠାରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ବିଧାୟକ ଚକ୍ରମଣୀ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ, ବାଲିଗୁଡ଼ା ବ୍ଲକ୍ ଏମପି ପ୍ରତିନିଧି ଚୁନା ଦାସ,ଏସ୍‌ଡିପିଓ ୟସ୍ ପ୍ରତାପ ଶ୍ରୀମଲ, ବ୍ଲକ୍ ଅଧକ୍ଷା ମିଶାବତୀ ମଳିକ, ବରିଷ୍ଠ ଆଇନଜୀବୀ ତଥା ପ୍ରକୃତି ମିତ୍ର କୌଶିକ ସାହୁ, ୧୨୭ ବାଟାଲିୟନ ସିଆରପିଏଫ୍ ଇନ୍ସପେକ୍ଟର ମାନସ ସୁନ୍ଦରାୟ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ବନବାସୀ ସେବା ସମିତିର ସହ ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ।

# ନାଭାଲ ୟୁନିଟ ୧ ଏନ୍‌ସିସିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କ୍ୟାଡେଟ।

ବ୍ରହ୍ମପୁର,୬।୭ (ସ୍ମୃତି ରଞ୍ଜନ ମହାଳିକ)

ଓଡ଼ିଶା ନାଭାଲ ୟୁନିଟ (୧) ଏନ୍‌ସିସି ପକ୍ଷରୁ ଆଙ୍କୁଶପୁରଠାରେ ୧୦ଦିନ ଧରି ଚାଲିଥିବା ବାର୍ଷିକ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। ଏଥିରେ ୯ଟି ବିଦ୍ୟାଳୟ ଓ ୬ଟି ମହାବିଦ୍ୟାଳୟର ପ୍ରାୟ ୫୦୦ କ୍ୟାଡେଟ ଯୋଗ ଦେଇଥିଲେ। ଉଦଯାପନୀରେ ମୁଖ୍ୟ ଅତିଥି ରୂପେ ଓଡିଶା-୧ ସିଟିସି ଏନସିସି ବ୍ରହ୍ମପୁରର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏ ଏସ ପେଣ୍ଡରକର ଯୋଗଦେଇ କ୍ୟାଡେଟଙ୍କୁ ଉତ୍ସାହିତ କରିଥିଲେ। ଏନ୍‌ସିସି କମାଣ୍ଡିଂ ଅଫିସର ଡି ଜେ ସିଂଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଡ୍ରିଲ ରାଇଫଲ, ଫାଏରିଂ, ସିପ ମୋଡଲିଂ, ସିମାଫୋର, ବୋଟ ପୁଲିଂ, ବୋଟ ରିଗିଂ, ବେଷ୍ଟ କ୍ୟାଡେଟ, ନେଭିଗେସନ, ସିମେନ ସିପ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ କୌଶଳ, ଏଲଆଇସି ବ୍ରହ୍ମପୁର ପକ୍ଷରୁ ବୀମାର ଗୁରୁତ୍ୱ ଓ ବ୍ରହ୍ମପୁର ସାଇବର ଥାନା ପକ୍ଷରୁ ସାଇବର ସିକ୍ୟୁରିଟି ବିଷୟରେ କ୍ୟାଡେଟଙ୍କୁ ସଚେତନ କରାଯାଇଥିଲା। ଶିବିରରେ ସିନିୟର ବିଭାଗରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗ୍ରୁପ ଚମ୍ପିୟାନ ହୋଇଥିବା ବେଳେ ଗଞ୍ଜାମ ମହାବିଦ୍ୟାଳୟ ଗ୍ରୁପ ରନର୍ସ ଅପ ଓ ଜୁନିୟର ବିଭାଗରେ ଟେକ୍ନିକାଲ ହାଇସ୍କୁଲ, ଆସିକା ଚମ୍ପିଆନ ଏବଂ ପୁରୀ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁ ରନର୍ସ ଅପ ହୋଇଛନ୍ତି। ଶିବିରରୁ ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟଙ୍କୁ ଚୟନ କରାଯାଇଛି। ଆସନ୍ତା ୮ ତାରିଖଠାରୁ ୧୭ ତାରିଖ ଯାଏଁ ଦ୍ୱିତୀୟ ବାର୍ଷିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଟିପିଏସ୍‌ଓଡିଏଲ ସିଇଓଙ୍କୁ ଦାବିପତ୍ର ପ୍ରଦାନ

### ଗୋଷାଣୀ ନୂଆଗାଁ ଅଞ୍ଚଳରେ ସବ୍‌ଷ୍ଟେଶନ ଦାବି

ବ୍ରହ୍ମପୁର,୬।୭(ସ୍ମୃତି ରଞ୍ଜନ ମହାଳିକ)

ଗୋଷାଣୀ ନୂଆଗାଁ ଅଞ୍ଚଳରେ ଦୁର୍ବଳ ଭିତ୍ତିଭୂମି କାରଣରୁ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଗୁରୁବାର ସମାଜିକ କର୍ମୀ ବିନୋଦ ସାବତଙ୍କ ନେତୃତ୍ୱରେ ବହୁ ସ୍ଥାନୀୟ ବାସିନ୍ଦା ଟିପିଏସଓଡିଏଲ ସିଇଓ ଅମିତ ଗର୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଷାଣୀ ନୂଆଗାଁ ଅଞ୍ଚଳରେ ସବଷ୍ଟେଶନ ନିର୍ମାଣ ସହ ୩୩ କେଭି ଅନ୍ୟ ଏକ ଫିଡର ଦ୍ୱାରା ସଂଯୋଗ ହେଲେ ଅଞ୍ଚଳକୁ ବିଦ୍ୟୁତ ସରବରାହ ସୁରୁଖୁରୁରେ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୨ଦିନ ମଧ୍ୟରେ ନୀଳକଣ୍ଠନଗରରୁ ଅନ୍ଧପସରା ରୋଡ ଦେଇ ଗୋଟିଏ ଫିଡରରୁ ଗୋଷାଣୀ ନୂଆ ଗାଁ ଅଞ୍ଚଳକୁ ବିଦ୍ୟୁତ ସରବରାହ ହେବା ନେଇ ସିଇଓଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଦାବିପତ୍ର ପ୍ରଦାନ ସମୟରେ ରାଜେଶ ପାଣିଗ୍ରାହୀ, ରୋହିତ ଭୂୟାଁ, ପ୍ରଦୀପ ପାଢି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ କାଟ ପ୍ରତିବାଦରେ ଗତ ୨ ତାରିଖ ରାତିସାରା ଗୋସାଣୀ ନୂଆଗାଁ ବାସିନ୍ଦା ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

# ଆମ ପୋଖରୀ କାର୍ଯ୍ୟକ୍ରମରେ ବିଏମ୍‌ସି ସମ୍ମାନିତ



ଗଞ୍ଜାମ ଜିଲାପାଳ, ବିଏମ୍‌ସି ଟିମ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ବ୍ରହ୍ମପୁର,୬।୭ (ସ୍ମୃତି ରଞ୍ଜନ ମହାଳିକ)

ଭୁବନେଶ୍ୱର ଲୋକ ସେବା ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ପୋଖରୀ ଯୋଜନା ଶୁଭାରମ୍ଭ ଅବସରରେ ବ୍ରହ୍ମପୁର ମହାନଗର ନିଗମ(ବିଏମସି)କୁ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ବିଏମସି କମିଶନର ଜେ. ସୋନାଲ, ବ୍ରହ୍ମପୁରର ମା ବିମଳା ଏସଏଚଜି ସଭ୍ୟାମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ବିଏମସି ପକ୍ଷରୁ ବର୍ତ୍ତମାନ ବେଡାବନ୍ଧ, ଆଇନା ବନ୍ଧ ଓ ହରିଡାଖଣ୍ଡି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏସବୁ କାର୍ଯ୍ୟର ଦାୟିତ୍ୱ ଏସଏଚଜି ସଭ୍ୟାଙ୍କୁ ପ୍ରଦାନ କରାଯାଇଛି। ବିଶେଷକରି ବେଡାବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ଏସଏଚଜି ସଦସ୍ୟାଙ୍କ ବିଶେଷ ଭୂମିକାକୁ ନେଇ ପୁରସ୍କାର ମିଳିଥିବା ଜଣାପଡିଛି।

# ଗଞ୍ଜାମରେ ଗଜା ମରୁଡ଼ି, ପୋଡ଼ିଗଲାଣି ଧାନତଳି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଛତ୍ରପୁର,୬।୭ (ସନ୍ତୋଷ ପାଢ଼ୀ)

ଚଳିତବର୍ଷ ବର୍ଷା ଅଭାବରୁ ଗଞ୍ଜାମ ଜିଲାର ଅଧିକାଂଶ ବ୍ଲକରେ ବୁଣାଯାଇଥିବା ଧାନ ଗଜା ମରୁଡ଼ି ହେଲାଣି। ତଳି ପୋଡ଼ିଗଲାଣି। ଏପରି ସ୍ଥିତିରେ ଚାଷୀ ଧାନ ତଳିକୁ କିପରି ବଞ୍ଚାଇବେ ସେହି ଚିନ୍ତାରେ ପଡ଼ିଛନ୍ତି। ଏହାର ପ୍ରତିକାର କରିବାକୁ ଋଷିକୁଲ୍ୟା ରୟତ ମହାସଭା ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଗଞ୍ଜାମ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାର ସମସ୍ତ ଉଠାଜଳସେଚନ ଗୁଡ଼ିକ କାର୍ଯ୍ୟକ୍ଷମ କରିବା ସହ କେନାଲରେ ପାଣି ଛାଡ଼ିବା ଲାଗି ନିର୍ଦ୍ଦେଶ ଦେବା, ଚାଷୀଙ୍କ ପାଖରେ ଆଉ ବିହନ ନ ଥିବାରୁ ସୋସାଇଟି ଜରିଆରେ ବିହନ ଯୋଗାଇବା, ଜୈବିକ ସାର ରିହାତି ଦରରେ ଯୋଗାଇବା, କୃଷି ନିର୍ଦ୍ଧାରଣ କମିଟିରେ ଚାଷୀ ସଂଗଠନକୁ ସାମିଲ କରି କୃଷି ଓ କୃଷକର ବିକାଶ ନିମନ୍ତେ ବିଧିବଦ୍ଧ ଯୋଜନା କରିବା, ଜଳଭଣ୍ଡାର, ଉଠାଜଳସେଚନ ପ୍ରକଳ୍ପ, ବର୍ଷାଜଳ ସଂରକ୍ଷଣ ସ୍ଥିତି ସମୀକ୍ଷା କରିବା, ପ୍ରତି ପଞ୍ଚାୟତରେ କୃଷି ସହାୟକ କେନ୍ଦ୍ର ଖୋଲିବା, ବାର୍‌ହା, ମାଙ୍କଡ଼ ଓ ଅନ୍ୟ ବନ୍ୟଜନ୍ତୁ ପ୍ରାଦୁର୍ଭାବ ଯୋଗୁ ଫସଲ ନଷ୍ଟ ହେବା ସହ ଚାଷୀ ବନ୍ୟଜନ୍ତୁ ଆକ୍ରମଣର ଶିକାର ହେଉଥିବାରୁ ସେମାନଙ୍କୁ କ୍ଷତିକାରକ ପଶୁ ରୂପେ ଘୋଷଣା କରିବା, ଗ୍ରାମ କମିଟିର ଅନୁମୋଦନକ୍ରମେ ଭାଗ ଚାଷୀଙ୍କ ନାମ ଧାନ ବିକିବା ପାଇଁ ପଞ୍ଜିକରଣ କରିବା ଆଦି ଦାବି ଉଲ୍ଲେଖ ରହିଛି। ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଚାଷୀ ନେତା ଭାଗିରଥି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସ୍ମାରକପତ୍ର ଦେବାକୁ ଆସିଥିବା ଚାଷୀ ନେତାମାନେ।

# ଓଡ଼ିଶା ଦଳରେ ଗଞ୍ଜାମରୁ ୨ ପ୍ରତିଯୋଗୀ

## ଜାତୀୟସ୍ତରୀୟ ବକ୍ସିଂ ପ୍ରତିଯୋଗିତା

ବ୍ରହ୍ମପୁର,୬।୭(ତନୁଶ୍ରୀ ନାହାକ)

ଅରୁଣାଞ୍ଚଳ ପ୍ରଦେଶର ଇଟାନଗରଠାରେ ଆସନ୍ତା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ପଞ୍ଚମ ଜାତୀୟସ୍ତରୀୟ ଜୁନିୟର ପୁରୁଷ ବାଳକ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଗୁରୁବାର ଓଡ଼ିଶା ଦଳ ଅରୁଣାଚଳ ପ୍ରଦେଶ ଅଭିମୁଖେ ଯାତ୍ରା କରିଛି। ଗଞ୍ଜାମ ଜିଲା ପକ୍ଷରୁ ୨ ଜଣ ବକ୍ସର ଓ ୨ ଜଣ କୋଚ ରାଜ୍ୟ ଦଳ ସହ ଯାଇଛନ୍ତି। ବକ୍ସର ଶ୍ୱେତାମ୍ବର ସାବତ ଓ ଆୟୁଷ ପ୍ରଧାନ ଏବଂ କୋଚ ବିପିନ ଗୌଡ଼, ସନ୍ତୋଷ ଗୌଡ଼ ଯାତ୍ରା କରିଛନ୍ତି। ପ୍ରତିଯୋଗୀଙ୍କୁ ସ୍ଥାନୀୟ କୋଚ ତଥା ଜାତୀୟ ରେଫରୀ ଶିଶିର କୁମାର ପାଣିଗ୍ରାହୀ, ବକ୍ସିଂ ସଂଘ ସମ୍ପାଦକ କେ.ପ୍ରଭାକର ରାଓ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ଓ ଅନ୍ୟମାନେ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଶ୍ୱେତାମ୍ବର ସାବତ, ଆୟୁଷ ପ୍ରଧାନ।

# ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ରମ୍ଭା,୬।୭ (ବନବାସୀ ସେଠୀ)

ରମ୍ଭା ଶ୍ରୀଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜିକ କର୍ମୀ ସୁବାଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରମ୍ଭା ବିଟ୍‌ର ବନପାଳ ଗୌରାଙ୍ଗ ପ୍ରଧାନ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ନାୟକ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ସହଯୋଗରେ ବିଭିନ୍ନ ଔଷଧୀୟ ଚାରାରୋପଣ କରିବା ସହ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ମହତ୍ୱ ସମ୍ପର୍କରେ ବୁଝାଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ରଞ୍ଜିତ କୁମାର ପାଣିଗ୍ରାହୀ, ଅଧ୍ୟାପକ ଡ଼. ଭାସ୍କର ଚନ୍ଦ୍ର ମୁଦୁଲି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପିକା ଟି. ଅଲିଶ୍ରୀ ଆଚାରୀ, ଗୌରୀ ବଳବନ୍ତରାୟ, ଡ଼ଃ ସାଗରୀକା ମହାପାତ୍ର, ଅଧ୍ୟାପକ ବିପିନ ବିହାରୀ ଦାଶ, ବ୍ରଜ ମୋହନ ପଣ୍ଡା, ନିରଞ୍ଜନ ମହାନ୍ତି, ହେମନ୍ତ ଦାଶ ଓ କର୍ମଚାରୀ ଯୋଗୀନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

# ଏନ୍‌ଇଇଟି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର, ୬।୭ (ସ୍ମୃତିରଞ୍ଜନ ମହାଳିକ)

ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଚଳିତବର୍ଷ ଏନଇଇଟି ପରୀକ୍ଷାରେ ୬୦୦ରୁ ଊର୍ଦ୍ଧ୍ୱ ମାର୍କ ରଖି ବିଦ୍ୟାଳୟରୁ କୃତକାର୍ଯ୍ୟ ହୋଇଥିବା ୭୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ୧ ହଜାର ଉତ୍ସାହୀ ଏନଇଇଟି ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସମେତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଛାତ୍ର ମାଧବ ମିଶ୍ର ସର୍ବୋଚ୍ଚ ୬୮୫ ମାର୍କ ରଖି ଏହି ଅନୁଷ୍ଠାନରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏଜିଏମ ପ୍ରଶାନ୍ତ କୁମାର ବେହେରା ଓ ଏମକେସିଜି ଭେଷଜ ମହାବିଦ୍ୟାଳୟର ସୁପରିଣ୍ଟେଣ୍ଡେଣ୍ଟ ଡ. ସୁଚିତ୍ରା ଦାସ ମଞ୍ଚାସୀନ ରହି ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କୃତୀ ଛାତ୍ରୀଛାତ୍ର ଏସ୍‌ବିଆଇରୁ କିପରି ଶିକ୍ଷା ଋଣ ନେଇପାରିବେ ସେ ସମ୍ପର୍କରେ ଏଜିଏମ ବେହେରା ସମ୍ୟକ୍ ଅବଗତ କରାଇଥିଲେ। ଗୁରୁପୂର୍ଣ୍ଣିମାରେ ଆୟୋଜିତ ଏହି ସମାରୋହରେ ଉପସ୍ଥିତ ଥିବା କୋଚିଂ ବିଭାଗର ଅଧ୍ୟାପକ ପ୍ରଶାନ୍ତ ସାହୁ, ସନ୍ତୋଷ କୁମାର ପଣ୍ଡା, ରାଜେଶ ଜୟସ୍ୱାଲ, ପ୍ରତାପ କୁମାର ପାତ୍ର, ଜି ସୁରେଶ, ରମେଶ କୁମାର, କେ ଶିବା, ଆଲୋକ ବଳ, ଅନିଲ କୁମାର ବିଶ୍ୱାଳ, ସରୋଜ କୁମାର, ନାଗେସ ବାବୁ, ସୁନିଲ୍ କୁମାର, ବିକାଶ ତ୍ରିପାଠୀ, କଲ୍ୟାଣ ଚକ୍ରବର୍ତ୍ତୀ, କେ ରଜନୀକାନ୍ତ, ରାଜେନ୍ଦ୍ର କୁମାର ନାୟକ, କ୍ରିଷ୍ଣାମାରାଜୁ ଗୋଲାପଲୀ, ବି ଭିଏନ ମୂର୍ତ୍ତୀ, ଗଙ୍ଗାଧର ପରିଡ଼ାଙ୍କୁ ଅନୁଷ୍ଠାନର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ସଦସ୍ୟା ମମତା ପାଣିଗ୍ରାହୀ, ଉପଦେଷ୍ଟା ନରସିଂହ ଚୌଧୁରୀ, ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ଏସ ମୋହନ ରାଓ, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ, ଅନୁଷ୍ଠାନର ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଓ ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ଡ ସୁବ୍ରତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଭଗବାନ ମହାରଣା, ଅଜିତ କୁମାର ସାହୁ, ସଚ୍ଚିଦାନନ୍ଦ ପୁରୋହିତ ଓ ଦଣ୍ଡପାଣି ଆଚାରୀ ସହଯୋଗ କରିଥିଲେ। ଶିକ୍ଷାନୁଷ୍ଠାନର କୋଚିଂ ଡିଭିଜନର ଶତ୍ରୁଘ୍ନ ପାତ୍ର, ପ୍ରିୟଙ୍କା ଜେନା, ସୁନିତାରାଣୀ ପାଠୀ, ନାରାୟଣ ସାସମଲ, ରାଜେଶ ପଟ୍ଟନାୟକ, ତ୍ରିଲୋଚନ ମାଝୀ, ସତ୍ୟବାନ ବେହେରା, ରମେଶ ରେଡ୍ଡି, କେ.ଲକ୍ଷ୍ମଣ ରାଓ, ଶିବାନୀ ଦାସ, ଦେବାଶିଷ ପଟ୍ଟନାୟକ, ଏଲ୍.ମାଧବ ପାତ୍ର ଅଜିତ୍ କୁମାର ସେଠୀଙ୍କ ସହଯୋଗରେ ଏହି ସଫଳତା ହାସଲ ହୋଇପାରିଛି। ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ ଜିବାନନ୍ଦ ତ୍ରିପାଠୀ, ଉପସଭାପତି ରବିନ୍ଦ୍ରନାଥ ଜେନା, ସମ୍ପାଦକ ନାରାୟଣ ପଣ୍ଡା, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା କୋଚିଂ ଡିଭିଜନର ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।




ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

